# କୂଳ ଖାଉଛି ନାଗାବଳୀ

- ଗାଁଠାରୁ ମାତ୍ର ୬୦୦ ମିଟର ଦୂରରେ ନଦୀ
- ତିଆରି ହେଉନି ଗାର୍ଡୱାଲ, ବାରମ୍ବାର ଦାବି ପରେ ବି ଶୁଣୁନି ପ୍ରଶାସନ

ରାୟଗଡ଼ା,୧୫।୭(ଭାଗ୍ୟଶ୍ରୀ ମିଶ୍ର)

ଆସିଲା ବର୍ଷାଦିନ। ନଦୀକୂଳିଆ ବା ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଘାରିଛି ଚିନ୍ତା। ନାଗାବଳୀରେ ବର୍ଷା ଯୋଗୁ ପାଣି ବଢ଼ିଲେ ଘର ବୁଡ଼ିଯିବା ଆଶଙ୍କା ରହିଛି। ରାୟଗଡ଼ା ସହରର ୧୧ ନମ୍ବର ୱାର୍ଡ ଅନଟାରିଗୁଡ଼ାରେ କୂଳ ଖାଉଛି ନାଗାବଳୀ ନଦୀ। ଭୟରେ ଅଛନ୍ତି ନଦୀକୂଳିଆ ଲୋକେ।

ଅଣ୍ଟାରିଗୁଡ଼ାରେ ପ୍ରାୟ ୩୦୦ ପରିବାର ବାସ କରନ୍ତି। ବର୍ଷା ଆସିଲେ ନାଗାବଳୀର ଜଳସ୍ତର ବଢ଼ିବା ସହ ନଦୀ କୂଳ ଖାଇ ଗାଁ ଖାଇବାକୁ ବସିଲାଣି ନଦୀ ତେଣୁ ଚିନ୍ତାରେ ରହିଛନ୍ତି ଅଞ୍ଚଳବାସୀ । ବର୍ଷାଦିନରେ ନଦୀର ଜଳସ୍ତର ବଢ଼ିଲେ ମାଟି ଖାଇଖାଇ ଆସୁଛି। କେବଳ ବର୍ଷାଦିନ ବୋଲି ମଧ୍ୟ ନାହିଁ ଖରାଦିନେ ପାଣି ଅଧିକ ହେଲେ ମଧ୍ୟ ମାଟି ଖସିଯାଉଛି। ଏପରି ହୋଇ ନଦୀ ଗାଁ ପାଖକୁ ଆସିଲାଣି । ବାରମ୍ବାର ଅଞ୍ଚଳବାସୀ ଏନେଇ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି । ନଦୀ ଚତୁଃର୍ପାଶ୍ୱରେ ଗାର୍ଡୱାଲ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଅନେକ ଥର ଦାବି କରାଯାଇଛି। ପ୍ରଶାସନ ଦାବି ପୂରଣ ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ପରେ ଭୁଲିଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଜିଲାରେ ଗାର୍ଡୱାଲ ନିର୍ମାଣ, ତଳିଆ ଅଞ୍ଚଳବାସୀଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ଜଳସେଚନ ବିଭାଗ ରହିଥିଲେ ସୁଦ୍ଧା କୌଣସି କାର୍ଯ୍ୟ କରାଯାଉ ନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ନାରାୟଣ କଶ୍ୟପଙ୍କୁ ଏ ନେଇ ପଚାରିବାରୁ ଟେକ୍ନିକାଲ ଟିମ୍ ଆସି ଦେଖିବା ପରେ ଗାର୍ଡୱାଲ କରାଯିବା କଥା ଆଗକୁ ବଢ଼ିବ ବୋଲି ସେ କହିଛନ୍ତି । ଗତ ବର୍ଷ ମଧ୍ୟ ବିଭାଗ ପକ୍ଷରୁ ସମାନ କଥା କୁହାଯାଇଥିଲା। ଏବେ ସୁଦ୍ଧା କାମ ଆଗକୁ ନ ବଢ଼ିବା ବିଡ଼ମ୍ବନାର ବିଷୟ ବୋଲି ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ବର୍ତ୍ତମାନ ନାଗାବଳୀ ନଦୀରୁ ଅଣ୍ଟାରିଗୁଡ଼ା ଗ୍ରାମ ୬୦୦ ମିଟର ଦୂରରେ ରହିଛି। ତେଣୁ ତୁରନ୍ତ ଗାର୍ଡୱାଲ ବନାଇ ସୁରକ୍ଷା ଦେବାକୁ ସ୍ଥାନୀୟ ଅଞ୍ଚଳର ଯାନୀ ଶ୍ରୀଦେବୀ କହିଛନ୍ତି।



## ସଂକ୍ଷେପରେ

### ସନ୍ଦେହଜନକ ଅବସ୍ଥାରେ ନାବାଳକଙ୍କ ମୃତ୍ୟୁ

ରାୟଗଡ଼ା,୧୫।୭(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡା ଜିଲା ବିଷମକଟକ ଥାନା କୁମାରଡାମୁଣି ଗ୍ରାମର ଭଗବାନ ଚୌଧୁରୀଙ୍କ ବାରିପଟୁ ଜଣେ ନାବାଳକଙ୍କ ମୃତଦେହ ଶନିବାର ସନ୍ଦେହଜନକ ଭାବେ ଜବତ ହୋଇଛି। ଚୌଧୁରୀ ଦ୍ୱିପହର ସମୟରେ ବାରିପଟକୁ ଯାଉଥିବା ବେଳେ ବଗିଚା ଗଛରେ କେହି ଜଣେ ଫାଶୀ ହୋଇ ଝୁଲୁଥିବା ଦେଖିବା ପାଇଥିଲେ। ଏନେଇ ସେ ବିଷମକଟକ ଥାନାକୁ ଅବଗତ କରାଇଥିଲେ। ଜବତ ମୃତଦେହ ହାଟମୁନିଗୁଡା ପଞ୍ଚାୟତ ମାଳିଡେପାଗୁଡା ଗ୍ରାମର କେତକୀ ନାଗଙ୍କ ପୁଅ ସମେଶ (୧୬) ବୋଲି ଜଣାପଡିଛି। ଏନେଇ ବାପା କେତକୀ କହିଛନ୍ତି, ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପୁଅ ଫୋନ କରି ସେ ବିଶାଖାପାଟଣାରେ ଥିବା କହିଥିଲେ। ହଠାତ୍ ପୁଅର ମୃତ୍ୟୁ ଖବରକୁ ସେ ଗ୍ରହଣ କରିପାରୁନାହାନ୍ତି। ମୋ ପୁଅକୁ କେହି ମାରି ଝୁଲାଇ ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି।

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ

ରାୟଗଡା,୧୫।୭(ଆଶିଷ ରଞ୍ଜନ ପଣ୍ଡା)-ଉତ୍କଳ ମିଡିଆ ସାମ୍ବାଦିକ ସଙ୍ଘ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ଥାନୀୟ ଶକ୍ତି ବୃଦ୍ଧାଶ୍ରମରେ ରହୁଥିବା ୩୦ ଅନ୍ତେବାସୀଙ୍କୁ ଜଳଖିଆ ବଣ୍ଟନ କରାଯାଇଛି । ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ପ୍ରତିବର୍ଷ ରାୟଗଡ଼ା ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥାଏ। ଏହାସହ ଜିଲାର ଉପାନ୍ତ ଅଞ୍ଚଳରେ ବାସ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଆ ଭାଷାର ଉନ୍ନତି ଓ ବ୍ୟବହାର ନିମନ୍ତେ ଛବିଳ ମଧୁ ବର୍ଣ୍ଣବୋଧ, ଲିଖନୀ ପୁସ୍ତିକା, ରବର, ପେନ୍‌ସିଲ ସହ ଶୁଖିଲା ଖାଦ୍ୟ ବିଭିନ୍ନ ସମୟରେ ବଣ୍ଟନ କରାଯାଇଥାଏ। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାୟଗଡ ସହର ତଥା ତାର ନିକଟବର୍ତ୍ତୀ ଅଞ୍ଚଳରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥାଏ। ଏହାସହ ଜିଲାରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥାଆନ୍ତି । କାର୍ଯ୍ୟକ୍ରମରେ ସଙ୍ଘ ସଭାପତି ଦୟାନନ୍ଦ ଖାଡଙ୍ଗାଙ୍କ ନେତୃତ୍ୱରେ ସମ୍ପାଦକ ମନୋଜ ସାହୁ, ବରିଷ୍ଠ ସାମ୍ବାଦିକ ବୋମାଲି କାନ୍ତା ରାଓ, ସଙ୍ଘ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଟିକିରି,୧୫।୭(ପ୍ରଫୁଲ୍ଲ କୁମାର ବେହେରା) ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ଥାନା ନିକଟସ୍ଥ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ସମ୍ମୁଖରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଶନିବାର ପଡିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଡୁଡୁକାବାହାଲ ପଞ୍ଚାୟତ କାଳିଆପଡା ଘାଟିରେ ମୁମୂର୍ଷୁ ଅବସ୍ଥାରେ ଜଣେ ବ୍ୟକ୍ତି ପଡିଥିବା ଦେଖି ଲେକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତାଙ୍କୁ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ଚିକିତ୍ସିତ ହେବା ପରେ ବିଳମ୍ବିତ ରାତିରେ କୌଣସି କାରଣରୁ ମେଡିକାଲ ଗେଟ ପାଖକୁ ଯାଇଥିଲେ, ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଛି। ମୃତଦେହ ଚିହ୍ନଟ ପାଇଁ ମେଡିକାଲରେ ସରଂକ୍ଷିତ ରଖାଯାଇଛି, କିନ୍ତୁ ଅଦ୍ୟାବଧି ତାଙ୍କ ପରିଚୟ ମିଳିପାରି ନାହିଁ।

### ଓଆର୍‌ଓପିକୁ ନେଇ ବୈଠକ

ଗୁଣପୁର,୧୫।୭(ପ୍ରଦୀପ କୁମାର ପାଢୀ)-ରାୟଗଡା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ୱାନ୍ ର୍ୟାଙ୍କ ୱାନ ପେନସନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁଣପୁର ଏକ୍ସ ସର୍ଭିସ ମ୍ୟାନ ଆସୋସିଏଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା ଯବାନମାନେ ଯୋଗ ଦେଇଥିଲେ । ସଂଗଠନ ସଭାପତି ସୁବ୍ରତ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଆରଓପି ଯୋଜନା କାର୍ଯ୍ୟକାରି କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଦାବୀ ହୋଇଥିଲା। ସମ୍ପାଦକ ଧନଞ୍ଜୟ ଗମାଙ୍ଗଙ୍କ ସମେତ ମନୋରଞ୍ଜ ରଥ, ମନମହୋନ ପଣ୍ଡା, ଗୋପାଳ କୃଷ୍ଣ ପାଣିଗ୍ରାହୀ,ଶରତ ଚନ୍ଦ୍ର ପାଣିଗ୍ରାହୀ,ଏଲ.ଏନ.ସେନାପତି ଓ ଚନ୍ଦ୍ର ଭୂଷଣ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନା ରହିଥିଲେ।

# ଜିଲାସ୍ତରୀୟ 'ମୋ ଘର ଯୋଜନା'ର ଶୁଭାରମ୍ଭ

ରାୟଗଡ଼ା,୧୫।୭(ଭାଗ୍ୟଶ୍ରୀ ମିଶ୍ର)

ରାଜ୍ୟ ସରକାରଙ୍କ ନୂଆ ଯୋଜନା 'ମୋ ଘର ଯୋଜନା'ର ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଡିଆରଡିଏ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ରାମନାଗୁଡା, ମୁନିଗୁଡା, କାଶୀପୁର ବ୍ଲକର ୪ଜଣ ଯୋଗ୍ୟ ହିତାଧିକାରୀଙ୍କୁ ୩ ଲକ୍ଷ ଲେଖାଏ ଟଙ୍କା ଟଙ୍କା ସହାୟତା ଆକାରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ରାମନାଗୁଡା ବ୍ଲକର ଜଣେ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଚେକ୍ ଆକାରରେ ଦେଇଥିଲେ। ପରେ ଅପରାହ୍ନରେ ମୁନିଗୁଡା ଓ କାଶୀପୁର ବ୍ଲକର ୩ଜଣଙ୍କୁ ବ୍ୟାଙ୍କ ଋଣ ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ରାୟଗଡା ଜିଲା ଶାଖାର ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାକୁଡ, ରାମନାଗୁଡା ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, କାଶୀପୁର ବିଡିଓ ମନିଷା ଦାସ, ମୁନିଗୁଡା ବିଡିଓ ପ୍ରୀତମ ତନ୍ତି, ଏପିଡି ପ୍ରଭାତ ଲେଙ୍କାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଜିଲାରେ ୨୩୪୯ ଜଣ ହିତାଧିକାରୀ ନିଜ ନାମ ପଞ୍ଜୀକରଣ କରିଥିବା ବେଳେ ୧୨୭୦ ଜଣ ହିତାଧିକାରୀ ଆବେଦନ କରିଛନ୍ତି। ସେଥିରୁ ୩୨୦ଜଣ ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ବୋଲି ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ମହାକୁଡ କହିଛନ୍ତି।



ଅତିଥିମାନେ ଜଣେ ହିତାଧିକାରୀଙ୍କୁ ଚେକ୍‌ପ୍ରଦାନ କରୁଛନ୍ତି ।

# ଉନ୍ନୟନ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

ମୁନିଗୁଡା, ୧୫।୭(ରାଧାଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ମୁନିଗୁଡାରେ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବିଡ଼ିଓ ପ୍ରିତମ ତନ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଜିଲା ପରିଷଦ ସଭ୍ୟା ମାଧବୀ କନ୍ଦପାଣି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଦର୍ଶ କୁଶୁଲିଆ, ଅତିରିକ୍ତ ତହସିଲଦାର ସତ୍ୟନାରାୟଣ ପ୍ରଧାନ, ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଜିପିଇଓ ଭିକାରୀ ଚରଣ ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ପରେ ବିଡ଼ିଓ ତନ୍ତୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଆଗାମୀ ଯୋଜନା ଉପରେ ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ଗମାଙ୍ଗ, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ପ୍ରସନ୍ନ ପାତ୍ର, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ସହକାରୀ ଯନ୍ତ୍ରୀ ରାଜକିଶୋର ଭୂମିଜ, କନିଷ୍ଠ ଯନ୍ତ୍ରୀ ରମେଶ ମିଞ୍ଜ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ଓ ଏପିଓମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ଶକୁନ୍ତଳା ନୁଣ୍ଡରୁକା, ଅନଙ୍ଗ ନାଗ, ସରପଞ୍ଚ ଅନନ୍ତ ନୁଣ୍ଡରୁକା,ସରସ୍ୱତୀ ଶବରଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଅତିରିକ୍ତ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ ପାତ୍ର,ରାମଚନ୍ଦ୍ର ସୁତାର,ଗୌରୀଶ୍ୟାମ ନାୟକ, ଜିତେନ୍ଦ୍ର ଧର, ସତ୍ୟାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୁଆଖେଳ ଉପରେ ଚଢ଼ାଉ,୩ ଗିରଫ



ବୈପାରୀଗୁଡା,୧୫।୭ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡା ଥାନା ଅନ୍ତର୍ଗତ କାଠପଡା ସାପ୍ତାହିକ ହାଟରେ ଶନିବାର ଖୁଡ଼୍‌ଖୁଡି ଖେଳ ଉପରେ ପୋଲିସ ଚଢାଉ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଗବାନ ମାଟାମ, ଭକ୍ତରାମ ଟାକ୍ରି ଓ ରବିନ୍ଦ୍ରମାଛ । ସେମାନଙ୍କଠାରୁ ଖୁଡ଼୍‌ଖୁଡି ଖେଳରେ ବ୍ୟବହୃତ ପଶାପାଲି, ଗୋଟି ଏବଂ ୨ ହଜାର ୮ ଶହ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। କେସ୍ ନଂ. ୧୫୨/୨୩।

# ଇଭିଏମ୍ ବ୍ୟବହାର ନେଇ ଆଲୋଚନା

ରାୟଗଡ଼ା,୧୫।୭(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଯୁକ୍ତ ୨ର ଦ୍ୱିତୀୟ ବର୍ଷର ନୂତନ ଭୋଟର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଭୀମସେନ ଶବର, ଅଧ୍ୟକ୍ଷା ଡ. ବବିଲତା ସରାଫ, ପ୍ରାଧ୍ୟାପକ ଅରୁଣ କୁମାର ଖାଡଙ୍ଗା, ଏନ୍‌ଏସ୍‌ଏସ୍ ୱିଙ୍ଗର ପ୍ରୋଗ୍ରାମ ଅଧିକାରୀ କେଶବ କୁମାରୀ ଯାନି, ଲ୍ୟୁଟେନାଣ୍ଟ ଉଦୟ ନାୟକ, ସମ୍ୱଳ ଶିକ୍ଷକ ନିଳାଞ୍ଜଳ ମିଶ୍ର, ରାୟଗଡ଼ା ପୌର ପରିଷଦର ଚନ୍ଦ୍ରଶେଖର ରଥ ଓ ଆର. ନୀଳକଣ୍ଠ ପ୍ରମୁଖ ଉପସ୍ଥିତ ଥିଲେ । ଉପଜିଲାପାଳ ଶବର ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥା, ଲୋକ ପ୍ରତିନିଧି ଅଧିନିୟମ ୧୯୫୦ର ପ୍ରଣୀତ ନିୟମାବଳୀ ସମ୍ପର୍କିତ ବିଭିନ୍ନ ଧାରା ଓ ଉପଧାରା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ନିଳାଞ୍ଜଳ ମିଶ୍ର, ଭୋଟର ପଞ୍ଜୀକରଣର ସାଧାରଣ ନିୟମ, ଯୋଗ୍ୟତା, ସଂଶୋଧନ ପ୍ରକ୍ରିୟା, ଅନ୍‌ଲାଇନ ଓ ଅଫଲାଇନ ମାଧ୍ୟମରେ ଫର୍ମ ଦାଖଲ ପ୍ରଣାଳୀ ଓ ଇଭିଏମ୍ ବ୍ୟବହାର ବିଷୟରେ ଆଲୋଚନା କରିଥିଲେ। କେଶବ ଜାନି ଧନ୍ୟବାଦ ଅର୍ପଣ କରିଥିଲେ। ବନ ମହୋତ୍ସବ ପାଳନ ଅବସରରେ ଉପଜିଲାପାଳ ଶବର, ଅଧ୍ୟକ୍ଷା ଓ ଅନ୍ୟ କର୍ମକର୍ତ୍ତା ମିଶି କଲେଜ ପରିସରରେ ଚାରାରୋପଣ କରିଥିଲେ।



# ଆଇଟିଆଇରେ ବିଶ୍ୱ ଯୁବ ଦକ୍ଷତା ଦିବସ

ରାୟଗଡା,୧୫।୭(ଭାଗ୍ୟଶ୍ରୀ ମିଶ୍ର)

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ରାୟଗଡାରେ ଶନିବାର ବିଶ୍ୱ ଯୁବ ଦକ୍ଷତା ଦିବସ-୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ସହିତ ଜିଲାର ୪ ଟି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରାୟ ୧୫୦ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ସମ୍ମାନିତ ଅତିଥି ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଏମ୍‌ଏସ୍‌ଏମ୍‌ଇ ସହକାରୀ ନିର୍ଦ୍ଦେଶକ ଏନ୍. କୋଟି ରତ୍ନମ, ମୁଖ୍ୟ ବକ୍ତା ସବ୍ୟସାଚୀ ସାହୁ, ଆଇପିଓ ଦୀପକ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନ ଅଧ୍ୟକ୍ଷ ଅତୁଲ୍ୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ବେହେରା ଛାତ୍ରୀଛାତ୍ରଙ୍କୁ ଦକ୍ଷହୋଇ ରୋଜଗାରକ୍ଷମ ହେବା ସହିତ କୁଶଳୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଶିକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଦକ୍ଷତା ବୃଦ୍ଧି କରି ଆତ୍ମ ନିର୍ଭର ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଟ୍ରେଡ଼ ଭିତ୍ତିକ ଦକ୍ଷତା ପ୍ରଦର୍ଶନୀକୁ ସମସ୍ତ ଅତିଥି ବୁଲି ଦେଖିଥିଲେ। ଉଚ୍ଚ କୋଟିର ପ୍ରଦର୍ଶନ ପାଇଁ ଫିଟର ଟ୍ରେଡ଼କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ୨ ଜଣ ରୋଲ ମଡେଲ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରାୟ ୧୦ଟି ଚାରାରୋପଣ କରାଯାଇଥିଲା। ତାଲିମ ଅଧିକାରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।


ଅତିଥିମାନେ ରୋଲ୍ ମଡେଲ ବୁଲି ଦେଖୁଛନ୍ତି ।

# ଅଧାପନ୍ତରିଆ ଅବସ୍ଥାରେ ଡାଇନିଂ ହଲ୍

ଚନ୍ଦ୍ରପୁର,୧୫।୭(ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ଜନ ଜାତି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟ ଡାଇନିଂ ହଲ ଅଧାପନ୍ତରିଆ ଅବସ୍ଥାରେ ରହିଛି । ଜନ ଜାତି ପିଲାଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରହିବା ପଢ଼ିବା ପାଇ ଖର୍ଚ୍ଚ କରୁଥିଲେ ମଧ୍ୟ ପିଲାଙ୍କ ପାଇଁ ଭଲ ଡାଇନିଂ ହଲ ନାହିଁ। ଦୀର୍ଘ ଦିନ ହେଲା ଆଇଟିଡିଏ ପ୍ରକଳ୍ପ ତରଫରୁ ଡାଇନିଂ ହଲ କାମ ଅଧା ପନ୍ତରିଆ ହୋଇ ପଡ଼ି ରହିଥିବା ଅଭଭାବକ ଓ ସ୍କୁଲ କମିଟି ସଭାପତି ହାଡିବନ୍ଧୁ ବ୍ରେକବେଡ଼ା ଅଭିଯୋଗ କରିଛନ୍ତି। ପିଲାମାନେ ବାରଣ୍ଡା ଓ ଆମ୍ବ ଗଛ ମୂଳେ ଖାଉଛନ୍ତି। ବର୍ତ୍ତମାନ ବର୍ଷା ଦିନ ଛାତ୍ରମାନେ ଖାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ବିଭାଗୀୟ ଅଧିକାରୀ ଯଥା ଶୀଘ୍ର ଏଥି ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହାଡିବନ୍ଧୁ ବ୍ରେକବେଡା ଅନୁରୋଧ କରିଛନ୍ତି ।


ଅଧା ହୋଇ ରହିଥିବା ହଷ୍ଟେଲ ।

# କ୍ଲଷ୍ଟରସ୍ତରୀୟ ବୈଠକ

ଗୁଣପୁର,୧୫।୭(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଟଲଣା ଏବଂ ପୌର ପରିଷଦ-୨ର ହୋଇଥିବା ମାସିକ କ୍ଲଷ୍ଟରସ୍ତରୀୟ ବୈଠକରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗୁଣପୁର ଶକ୍ଷିକ ପ୍ରଶିକ୍ଷଣ ବିଦ୍ୟାଳୟର ଅଧକ୍ଷ ମନୋଜ ଗମାଙ୍ଗ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଆଦର୍ଶ ବିଦ୍ୟାଳୟ ଅଧକ୍ଷା ସୌଭାଗ୍ୟବତୀ ସାହୁ ଏବଂ ବିକ୍ରମପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ବରିହାଙ୍କ ଉପସ୍ଥିତିରେ ସିଆରସିସି ସଞ୍ଜୀବ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରଥିଲେ। ପ୍ରଶିକ୍ଷଣ ବିଦ୍ୟାଳୟର ଅଧକ୍ଷ ତାଙ୍କ ବକ୍ତବ୍ୟରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ବିଦ୍ୟାଳୟରେ କିପରି ପରିଚାଳନା କରାଯିବା ସେନେଇ କହିଥିବା ବେଳେ ଆଦର୍ଶ ବିଦ୍ୟାଳୟ ଅଧକ୍ଷା ତୃଣମୂଳସ୍ତରରେ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ କହିଥଲେ। କାର୍ଯ୍ୟକ୍ରମରେ ବିଇଓ ପ୍ରତିଶ୍ରୁତି ସିଂ ଏବଂ ବିଆରସିସି ଲକ୍ଷ୍ମୀ ବେହେରା ପ୍ରମୁଖ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଉପରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ୟୁଡାଇସ ଓ ୟୁନିଫର୍ମ ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# କ୍ୟାନ୍‌ସର ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ସହାୟତା ଯୋଗାଇଦେବାକୁ ଦାବି**

ମୁନିଗୁଡ଼ା, ୧୫।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ସଦର ମହକୁମାସ୍ଥିତ ଟିକରପଡ଼ା ଆଦିବାସୀ ସାହିର ଜଣେ ଗରିବ ଦିନ ମଜୁରିଆ ଶଙ୍କର କଣ୍ଡାଗରି(୪୪) କ୍ୟାନ୍‌ସରରେ ପୀଡ଼ିତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଶଙ୍କରଙ୍କ ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ସ୍ୱାମୀ ଘରେ ଶଯ୍ୟାସାୟୀ ଅବସ୍ଥାରେ ପଡ଼ିଥିବା ସ୍ତ୍ରୀ ହେମ କଣ୍ଡାଗରି କହିଛନ୍ତି। ଶଙ୍କରଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରିବାକୁ ହେମ ନିବେଦନ କରିଛନ୍ତି।

ଶଙ୍କରଙ୍କ ପରିବାର କହିଲେ ସ୍ତ୍ରୀ ହେମ ଓ ୩ ଛୁଆ। ଦିନ ମଜୁରିଆ ଭାବେ ଶଙ୍କର ମୁନିଗୁଡ଼ା ସହରରେ କାର୍ଯ୍ୟ କରୁଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ୱାର୍ଡମେମ୍ବର ଭାବେ ଟିକରପଡ଼ାରୁ ସେ ନିର୍ବାଚିତ ହୋଇଥିଲେ। ସ୍ତ୍ରୀ ହେମ ମୁନିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ କର୍ମଚାରୀ ରୂପେ କାର୍ଯ୍ୟ କରି ଦୁଇପଇସା ରୋଜଗାର କରୁଥିଲା। ହେଲେ ହଠାତ୍ ଶଙ୍କରଙ୍କ ଦେହ ଖରାପ ହେବାରୁ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କ୍ୟାନ୍ସର ହୋଇଥିବା ଜଣାପଡ଼ିଲା। କୁଲି ବୃତ୍ତିରୁ ଯେଉଁ ବଳକା ଅର୍ଥ ରଖିଥିଲେ ଚିକିତ୍ସାରେ ସବୁ ସରିଗଲା ପରେ ଘରେ ଯାହା କିଛି ଥିଲା ସବୁ ବିକ୍ରିକରି ସ୍ୱାମୀଙ୍କୁ ରାୟଗଡ଼ା, ବ୍ରହ୍ମପୁର ନେଇ ଚିକିତ୍ସା କରାଇଥିଲେ। କେମୋ ଚିକିତ୍ସା ପାଇଁ ଡାକ୍ତର କଟକ ନେବାକୁ ପରାମର୍ଶ କରିବାରୁ ମୁନିଗୁଡ଼ା ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ନିବେଦନ କରିବା ପରେ ସ୍ୱାସ୍ଥ୍ୟ ସହାୟତା ରାଶି ଭାବେ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ କଟକ ମେଡିକାଲରେ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଯିବାରୁ ଅଧା ଚିକିତ୍ସାରୁ ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିବାକୁ ବାଧ ହୋଇଥିଲେ ବୋଲି ସ୍ତ୍ରୀ ହେମ କହିଛନ୍ତି। ଏବେ ଶଙ୍କରଙ୍କ ବ୍ୟୟବହୁଳ ଚିକିତ୍ସାର ଆବଶ୍ୟକତା ଥିଲେ ମଧ୍ୟ ଅର୍ଥର ଅଭାବରୁ ଭଗବାନ୍ ଭରସାରେ ଘରେ ପଡ଼ି ରହିଛନ୍ତି। ପ୍ରଶାସନ ପକ୍ଷରୁ ଚିକିତ୍ସା ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।


ଶଯ୍ୟାଶାୟୀ କ୍ୟାନ୍ସର ପୀଡ଼ିତ ଶଙ୍କର।

## ସଂକ୍ଷେପରେ

### ଜୁଆ ଖେଳ ଉପରେ ଚଢାଉ,୩ ଗିରଫ



ବୈପାରୀଗୁଡା,୧୫।୭ (କଳ୍ପତରୁ ମହାନ୍ତି)- କୋରାପୁଟ ଜିଲା ବୈପାରୀଗୁଡା ଥାନା ଅନ୍ତର୍ଗତ କାଠପଡା ସାପ୍ତାହିକ ହାଟରେ ଶନିବାର ଖୁଡ୍‌ଖୁଡି ଖେଳ ଉପରେ ପୋଲିସ ଚଢାଉ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଗବାନ ମାଟାମ, ଭକ୍ତରାମ ଟାକ୍ରି ଓ ରବିନ୍ଦ୍ରମାଛ । ସେମାନଙ୍କଠାରୁ ଖୁଡ୍‌ଖୁଡି ଖେଳରେ ବ୍ୟବହୃତ ପଶାପାଲି, ଗୋଟି ଏବଂ ୨ ହଜାର ୮ ଶହ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । କେସ୍ ନଂ. ୧୫୨/୨୩।

### ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷଙ୍କ ବିଭିନ୍ନ କାରାଗାର ପରିଦର୍ଶନ

ଜୟପୁର,୧୫।୭ (ପବନ ପାଣିଗ୍ରାହୀ)- ଜିଲା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶନିବାର କୋରାପୁଟ ଜିଲାରେ ଥିବା ମଣ୍ଡଳ କାରାଗାର, କୋରାପୁଟ ଏବଂ ଜୟପୁର ଉପ କାରାଗାର ପରିଦର୍ଶନ କରିଛନ୍ତି। ଏହି ଗସ୍ତ ଅବସରରେ ସେ କାରାଗାର ଅନ୍ତେବାସୀଙ୍କୁ ଭେଟି କାରାଗାରରେ ସେମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟବସ୍ଥା, ପରିଷ୍କାର ପରିଚ୍ଛନତା, ସୁରକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସେମାନେ ରହୁଥିବା ଚତୁଃପାର୍ଶ୍ୱର ପରିବେଶ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ଯେଉଁ ଗରିବ ଅଭିଯୁକ୍ତଙ୍କ ନିଜର ଓକିଲ ନାହାନ୍ତି ସେମାନେ ଦରଖାସ୍ତ ମାଧମରେ ଜଣେଇବାକୁ ସଚିବ ସୁମନ ଜେନା କହିଥିଲେ। ସେମାନଙ୍କ କୌଣସି ଆଇନସେବା ସମସ୍ୟା ଥିଲେ କାରାଗାର ପରିଦର୍ଶନ ଆସୁଥିବା ପାନେଲ ଓକିଲ କିମ୍ବା ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ଅବଗତ କରିବାକୁ କହିଥିଲେ।

### ଏଏପିର ବୈଠକ

ଜୟପୁର, ୧୫।୭ (ପବନ ପାଣିଗ୍ରାହୀ)- ଜୟପୁରରେ ଆମ ଆଦମି ପାର୍ଟି (ଆପ୍)ର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା କମିଟି ଦାୟିତ୍ୱରେ ଥିବା ପ୍ରଫୁଲ ଖୋସଲା, ଅନିଲ ପାତ୍ର, ରବି ନାରାୟଣ ପାତ୍ର ,ସନ୍ତୋଷ ମହାପାତ୍ର, ବୈକୁଣ୍ଠ ସାହୁ ଥିଲେ। ବୈଠକରେ ଜୟପୁର ଟାଉନ ଯୁବ କମିଟି ଗଠନ କରାଯାଇଛି । ଏଥିରେ ସଭାପତି ରାଜ ମିଶ୍ର, ଉପସଭାପତି ରଘୁ ନାୟକ, ଲଳିତ ମୋହନ ନାୟକ, ସାଧାରଣ ସମ୍ପାଦକ ସୂର୍ଯ୍ୟ ଗରଡା, ସମ୍ପାଦକ ନରେନ୍ଦ୍ର ନାୟକ, ଶେଖ ଇବ୍ରାହିମ, ରଘୁ ସୁନା, କୋଷାଧକ୍ଷ ଅରବିନ୍ଦ ରାଉତ ଉପସ୍ଥିତ ଥିଲେ।

### ବିଦ୍ୱତ୍ ପରିଷଦ ଗଠିତ

ଜୟପୁର, ୧୫।୭ (ପବନ ପାଣିଗ୍ରାହୀ)- ଜୟପୁର ଅରବିନ୍ଦନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚଳିତ ଶିକ୍ଷାବର୍ଷର ବିଦ୍ୱତ୍ ପରିଷଦ ଗଠିତ ହୋଇଛି। ପରିଷଦର ସଭାପତି ରୂପେ ବିପିନ ପାତ୍ର, ସମ୍ପାଦକ ବିପିନ ମହାରଣାଙ୍କ ସହ ସଦସ୍ୟାସଦସ୍ୟ ରୂପେ ଦୁର୍ଗାମାଧବ ଦାଶ, ଶୁକଦେବ ସାହୁ,ସହ ପ୍ରମୁଖ ରୂପେ ସ୍ୱର୍ଣ୍ଣଲତା ମହାରଣା, ସୁନିତା କୁମାରୀ ପ୍ରଧାନ ଓ ଡମ୍ବରୁଧର ଭୂମିୟା ଚୟନ ହୋଇଛନ୍ତି। ଲକ୍ଷ୍ୟ ଓ ବିଚାରକୁ ସ୍ପଷ୍ଟ କରିବା ନେଇ ଆଲୋଚନାଚକ୍ର ଆୟୋଜନ କରିବା ପରିଷଦର ମୁଖ୍ୟ ଲକ୍ଷ୍ୟ ବୋଲି ଜଣାପଡ଼ିଛି। ସ୍ୱୀକୃତି ଦାଶ ଓ ଆୟେସା ଆଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଘରୋଇ ବସ୍ ମାଲିକ ସଂଘର ନୂତନ ପରିଚାଳନା କମିଟି

ଜୟପୁର, ୧୫।୭ (ପବନ ପାଣିଗ୍ରାହୀ)- ଜୟପୁରସ୍ଥିତ ଘରୋଇ ବସ ମିଲିକ ସଂଘର ନୂତନ ପରିଚାଳନା କମିଟି ଗଠିତ ହୋଇଛି। କମିଟିରେ ଅଧକ୍ଷ ରୂପେ ନଦେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ଓ କୋଷାଧକ୍ଷ ରୂପେ ପ୍ରଶାନ୍ତ ପାଣିଗ୍ରାହୀ, ସଦସ୍ୟ ରୂପେ ମହେଶ୍ୱର ବିଷୋୟୀ, ପବିତ୍ର ମୋହନ ପାତ୍ର, ଏନ. ଶଙ୍କର ରାଓ, ଅଶୋକ ମହାପାତ୍ର, ବି.ଶୁବ୍ରମନ୍ୟୁ ପାତ୍ର ରହିଛନ୍ତି । ସଂଘର ସୁପରିଚାଳନା ନିମନ୍ତେ ଶନିବାର ସଂଘ ପକ୍ଷରୁ ୩ଜଣ ନିର୍ବାଚନ ଅଧିକାରୀ ନିଯୁକ୍ତି କରାଯାଇଥିଲା। ନିବାଚନ ଅଧିକାରୀ ଭାବେ ସୁଶାନ୍ତ ଅଧିକାରୀ, ରାମଚନ୍ଦ୍ର ପାଢୀ ଏବଂ ବସନ୍ତ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଆଲୋଚନା ବେଳେ ସମସ୍ତଙ୍କ ସମ୍ମତିକ୍ରମେ ଏକ କାମଚଳା ପରିଚାଳନା କମଟି ଗଠନ କରାଯାଇଛି । ଏହି କମିଟି ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ୩ ଜଣ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ।

# ଟଙ୍କା ଲୁଟ୍ ନାଟକର ପର୍ଦ୍ଦାଫାଶ କଲା ପୋଲିସ

**ନନ୍ଦପୁର ୧୫।୭(ଶଙ୍କର ପୂଜାରୀ)**



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

**୪ଲକ୍ଷ ୯୬ ହଜାର ଟଙ୍କା ସହ କାର ଜବତ, ୪ ଗିରଫ**

ମାଲକାନଗିରିରୁ ବିଡି ନେଇ ବିଜୟନଗର ଯାଇ ଫେରିବା ବେଳେ ଜଣେ ବ୍ୟବସାୟୀଙ୍କଠାରୁ ସେ ବିଡି ବାବଦକୁ ଆଣିଥିବା ପ୍ରାପ୍ୟ ୪ଲକ୍ଷ ୯୬ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ନନ୍ଦପୁର ପୋଲିସ ମାମଲା ରୁଜୁ କରି ତଦନ୍ତ କରିଛି। ଘଟଣାର ୨୪ଘଣ୍ଟା ଭିତରେ ୪ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ଲୁଟ୍ ହୋଇଥିବା ୪ଲକ୍ଷ ୯୬ଟଙ୍କା ସହ ଦୁଇଟି ମୋବାଇଲ ଫୋନ ଓ ଲୁଟରେ ବ୍ୟବହୃତ(ଓଡି୧୫ ଏମ-୩୦୮୦) କାର ଜବତ ହୋଇଥିବା ଶନିବାର ନନ୍ଦପୁର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ଖବରରୁ ଜଣାପଡିଛି, ୧୩ ତାରିଖ ରାତି ୨ଟାରେ ନନ୍ଦପୁର ଥାନା ମାଲିପେଟା ଗ୍ରାମ ନିକଟରେ ମାଲକାନାଗିରିରୁ ବିଡି ନେଇ ବିଜୟନଗର ଯାଇ ଟଙ୍କାଧରି ଫେରୁଥିବା ଗାଡ଼ି ଚାଳକଙ୍କୁ ମାଡ ମାରି ତାଙ୍କଠାରୁ ନଗଦ ୪ ଲକ୍ଷ ୯୬ ହଜାର ଟଙ୍କା ଲୁଟ୍ ହୋଇଥିବା ମାଲିକ ଉତ୍ତମ ଦେ ଶୁକ୍ରବାର ନନ୍ଦପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଗୁରୁତର ସହ ନେଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ମହାପାତ୍ରଙ୍କ ନେତୃତ୍ୱରେ ନନ୍ଦପୁର, ଲମତାପୁଟ, ପାଡୁଆ ଥାନାଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଦେଙ୍କ ବହୁଦିନର ପିକଅପ ଗାଡ଼ି ଚାଳକ ମନୋଜ ମଣ୍ଡଳଙ୍କ ଉପରେ ସନ୍ଦେହ ପ୍ରକାଶ ପାଇଥିଲା। ପଚରାଉଚରା ବେଳେ ମନୋଜ ନିଜ ଦୋଷ ସ୍ୱୀକାର କରି ଲୁଟରେ ନାଟକ କରିଥିବା ମାନି ଯାଇଥିଲେ। ମାଲକାନଗିରି ଅଞ୍ଚଳର ପ୍ରଣବ ମଣ୍ଡଳ, ଦିନେଶ ଗୁଡ଼ିଆ ଓ ଚାଳକ ଦେବାଶିଷ ବାଲାଙ୍କ ନାମ ସେ କହିଥିଲେ। ଫଳରେ ପୋଲିସ ସଙ୍ଗେସଙ୍ଗେ ଏହି ତିନି ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ନଗଦ ୪ଲକ୍ଷ ୯୬ହଜାର ଟଙ୍କା, ୨ ଗୋଟି ମୋବାଇଲ ଫୋନ ଓ କାର ଜବତ କରିଥିଲା । ନନ୍ଦପୁର ଥାନାରେ କେସ ନଂ ୮୩/୨୩ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ବେଦୋବର ସାହୁ ଏହାର ତଦନ୍ତ କରୁଛନ୍ତି ବୋଲି ମହାପାତ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ମହାପାତ୍ରଙ୍କ ସମେତ ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ, ଏସଆଇ ବେଦୋବର ସାହୁ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଇପିଏଫ୍ କମିଶନରଙ୍କ ସହ କାଗଜକଳ ଶ୍ରମିକଙ୍କ ଆଲୋଚନା

**ଜୟପୁର, ୧୫।୭ (ପବନ ପାଣିଗ୍ରାହୀ)**

ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଇପିଏଫ୍ କମିଶନର ପି.ଏନ୍. ସିଂ ଜୟପୁର ଗସ୍ତ ଅବସରରେ ବେଦିକା ସଭାଗୃହରେ ଜନଶୁଣାଣି କରିଥିଲେ। ତାଙ୍କ ସହ କମିଶନର ଅଫିସ୍ ଅଧିକାରୀ ପି.କେ. ମହାରଣା, ସୁଶାନ୍ତ ନାୟକ ଓ ଧୀରେନ୍ଦ୍ର ଦଳେଇ ଉପସ୍ଥିତ ଥିଲେ। ଜୟପୁରରେ ଥିବା କାଜୁ ମିଲ୍ ଶ୍ରମିକଙ୍କୁ ଭବିଷ୍ୟନିଧି ଯୋଜନାରେ ସାମିଲକରି ଉକ୍ତ ଅଞ୍ଚଳର ଉଦ୍ୟୋଗଗୁଡିକରେ କାମ କରୁଥିବା ଶ୍ରମିକଙ୍କୁ ପଞ୍ଜୀକୃତ କରି ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ଆଲୋଚନା ବେଳେ କମିଶନର ପରାମର୍ଶ ଦେଇଥିଲେ। ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।

ସେବା କାଗଜକଳର ୧୨୨୨ ଜଣ ଶ୍ରମିକଙ୍କ ଇପିଏଫ୍ ଜମାରାଶି ଉପରେ ଏହି ସମୟରେ ଆଲୋଚନା ହୋଇଥିଲା। କୋଲକାତାସ୍ଥିତ କରମ୍ ଚାନ୍ଦ୍ ଥାପର ଇପିଏଫ୍ ଟ୍ରଷ୍ଟରେ ଜମାଥିବା ୨୨କୋଟି ଟଙ୍କା ବ୍ରହ୍ମପୁର ଆଞ୍ଚଳିକ ଅଫିସ୍‌କୁ ସ୍ଥାନାନ୍ତର ହୋଇ ନ ପାରିବା ନେଇ ଆଲୋଚନା ବେଳେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅର୍ଥ ଆସିପାରୁ ନ ଥିବାରୁ ମୃତ, ଅବସରପ୍ରାପ୍ତ ଶ୍ରମିକ ଓ କାର୍ଯ୍ୟରତ ଶ୍ରମିକମାନେ ସେମାନଙ୍କ ଇପିଏଫ୍ ଜମା ଟଙ୍କା ଆବଶ୍ୟକ ସମୟରେ ପାଇପାରୁ ନ ଥିବା ମତ ପ୍ରକାଶ ପାଇଥିଲା। ଯେତେ ଶୀଘ୍ର ସମ୍ଭବ ଏହି ଅର୍ଥକୁ ସ୍ଥାନାନ୍ତର କରିବାକୁ ଆଲୋଚନା ବେଳେ ଦାବି ହୋଇଥିଲା। ଅନ୍ୟପକ୍ଷରେ କୋଲକାତାରେ କେସିଟି ଇପିଏଫ୍ ଟ୍ରଷ୍ଟ ଥିବାରୁ ସେହି କାର୍ଯ୍ୟାଳୟର ଇପିଏଫ୍ କମିଶନରଙ୍କ ଅନୁମୋଦନ ମିଳିଲେ ଟ୍ରଷ୍ଟରୁ ଜମା ଟଙ୍କା ବ୍ରହ୍ମପୁର ଆଞ୍ଚଳିକ ଇପିଏଫ୍ କମିଶନ ଅଫିସ୍‌କୁ ସ୍ଥାନାନ୍ତର ହୋଇପାରିବ ବୋଲି ଆଲୋଚନା ବେଳେ କମିଶନର କହିଥିଲେ। ଏନେଇ ବ୍ରହ୍ମପୁର କାର୍ଯ୍ୟାଳୟରୁ ଏକ ଚିଠି କୋଲକାତା କାର୍ଯ୍ୟାଳୟକୁ ଲେଖାଯାଇଛି ବୋଲି ସେ ସୂଚନା ଦେଇଥିଲେ। ତେବେ କେନ୍ଦ୍ର ଇପିଏଫ୍ କମିଶନର ହସ୍ତକ୍ଷେପକଲେ ଏହି ସମସ୍ୟାର ସମାଧାନ ଶୀଘ୍ର ହୋଇପାରିବ ବୋଲି ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା,ବସନ୍ତ ବେହେରା, ସନ୍ଦୀପ ପଟ୍ଟନାୟକ, ସରୋଜ ସୁଆର, ନରସିଂହ ମହାପାତ୍ର, ଅଜୟ ବଳ, ସୁଧାକର ହରିଜନ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

# ବିଷାକ୍ତ ଛତୁ ଖାଇ ପରିବାରର ୬ ଝାଡ଼ାବାନ୍ତିରେ ଆକ୍ରାନ୍ତ



ଡାକ୍ତରଖାନାରେ ଚିକିତ୍ସାଧୀନ ପରିବାର ସଦସ୍ୟ।

**ବୋରିଗୁମ୍ମା,୧୫।୭(ବିଜୟ ନାୟକ)**

ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଶନିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୪ ଜଣ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବି.ଗୁଡ଼ା ପଞ୍ଚାୟତର ବଡନାୟକଗୁଡା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଗ୍ରାମରେ ଝାଡ଼ାବାନ୍ତି ଅଧିକ ନ ବ୍ୟାପିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚିଛନ୍ତି। ଆକ୍ରାନ୍ତମାନେ ହେଲେ ପଦ୍ମିନୀ ସାନ୍ତା, ପଦ୍ମା ସାନ୍ତା, ବୋଇଦି ସାନ୍ତା, ପାର୍ବତୀ ସାନ୍ତା, ନବୀନ ସାନ୍ତା, ଜୟନ୍ତୀ ସାନ୍ତା ଓ ପୂର୍ଣ୍ଣ ସାନ୍ତା। ଏମାନେ ସମସ୍ତେ ଶୁକ୍ରବାର ଛତୁ ଖାଇଥିଲେ।

### ଗ୍ରାମାଞ୍ଚଳରେ ହେବ ଚାରାରୋପଣ କାର୍ଯ୍ୟକ୍ରମ

**ଜୟପୁର,୧୫।୭ (ପବନ ପାଣିଗ୍ରାହୀ)**

ଜୟପୁର ରୋଟାରି କ୍ଲବ ପ୍ରାଇଡ୍ ପକ୍ଷରୁ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ ସାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାମନାଥ ସାହୁ, ରାମହରି ପଣ୍ଡା, ମୁରଲୀ ସାବତ, କାଳୁ ପଣ୍ଡା, ପ୍ରଦୀପ ସାମନ୍ତରାୟ, ପ୍ରଦୀପ ସାହୁ, ଜ୍ୟୋତି ଭୋଇ, ଦୀନେଶ ପାତ୍ର, ରତ୍ନାକର ଚୌଧୁରୀ, ସଞ୍ଜୀବ ମିଶ୍ର, କ୍ଷିତୀଶ ଦାସ, ପ୍ରଭାକର ଚୌଧୁରୀ, କେ. ବ୍ରହ୍ମା, କିରଣବାଳା ଶତପଥୀ, ଆରତି ମିଶ୍ର, ରବିନାରାୟଣ ନନ୍ଦ ଓ ମଧୁଛନ୍ଦା ସାବତ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଶିବିର ଓ ରକ୍ତଦାନ ଶିବିର କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅଁଳା, ବାହାଡ଼ା, କୃଷ୍ଣଚୂଡ଼ା ଭଳି ଶତାଧିକ ଚାରାରୋପଣ କରାଯାଇଥିଲା ।

# ନନ୍ଦପୁରରେ ମୁକ୍ତା ଯୋଜନାର ସ୍ଥିତି ପରଖିଲେ ମୀରା

**ନନ୍ଦପୁର, ୧୫।୭(ଶଙ୍କମର ପୂଜାରୀ)**

ରାଜ୍ୟ ମୁକ୍ତା ଯୋଜନା ପର୍ଯ୍ୟବେକ୍ଷକ ମୀରା ପରିଡ଼ା ଶନିବାର ନନ୍ଦପୁର ବ୍ଲକ ଗସ୍ତରେ ଆସି ବ୍ଲକରେ କାର୍ଯ୍ୟରତ ମିଶନ ଶକ୍ତି ଏମବିକେ ଓ ସିଆରପିଙ୍କ ସହ ଏକ ବୈଠକରେ ଆଲୋଚନା କରିଛନ୍ତି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଏହି ବୈଠକରେ ସେ ମୁକ୍ତା ଯୋଜନାର ସ୍ଥିତି ପରଖିଥିଲେ। ରାଜ୍ୟ ସରକାରଙ୍କ ଏହି ଯୋଜନା ମହିଳା ହିତକାରୀ। ଏହି ଯୋଜନାର ଯେପରି ସଫଳ ରୂପାୟନ ହେବ ଏବଂ ସବୁ ବର୍ଗର ମହିଳା ଯେପରି ଯୋଜନାରେ ସାମିଲ ହେବେ ସେଥିପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ, ବ୍ଲକରେ କାର୍ଯ୍ୟରତ ୪୦ରୁ ଊର୍ଦ୍ଧ୍ୱ ଏମବିକେ ଓ ସିଆରପିମାନେ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେବାକୁ ଆସିଥିବା ଏମବିକେ ଓ ସିଆରପିମାନେ ।

### ୨୨ ଆଇନଜୀବୀ ନେଲେ ତାଲିମ

**ଜୟପୁର, ୧୫।୭ (ପବନ ପାଣିଗ୍ରାହୀ)**

ଜୟପୁରସ୍ଥିତ ଜିଲା କୋର୍ଟ ପରିସରରେ ଆଇନଜୀବୀମାନେ ତାଲିମ ନେଇଛନ୍ତି। ଭରଚୁ୍ୟଆଲ ହାଇକୋର୍ଟ ଓ ଇ-ଫାଇଲିଂ ଉପରେ ଆଇନଜୀବୀମାନେ ନେଇଥିଲେ। ଅନ ଲାଇନରେ କିପରି ଫାଇଲିଙ୍ଗ କରିବେ, ବେଲ୍ ଆବେଦନ କରିବେ, ଶୁଣାଣି କରିବେ ସେ ଉପରେ ତାଲିମ ନେଇଥିଲେ। ହାଇକୋର୍ଟର ଜଣେ କର୍ମଚାରୀ ତାଲିମ ଦେଇଥିଲେ। ଜୟପୁରରେ ଭରଚୁ୍ୟଆଲ ହାଇକୋର୍ଟ ଖୋଲିବାରୁ ଆଇନଜୀବୀ ସୁବିଧା ପାଇଁ ଏହି ତାଲିମ ଶିବିର ହୋଇଥିଲା।

# ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀ




ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀମାନେ।

**କୋରାପୁଟ,୧୫।୭(ଅମିତାଭ ବେହେରା)**

**ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଶୋଭାଯାତ୍ରା**

କୋରାପୁଟଠାରେ ଶନିବାର ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଏକ ସଚେତନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଭବିଷ୍ୟତ ପାଇଁ ଶିକ୍ଷକ, ପ୍ରଶିକ୍ଷକ ଓ ଯୁବାମାନଙ୍କୁ ଦକ୍ଷ କରିବା ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଓ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ସଂସ୍ଥା ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସାମିଲ ହୋଇ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମକେନ୍ଦ୍ରଠାରେ ଆୟୋଜିତ ସଭାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ, ଜନଶିକ୍ଷଣ ସଂସ୍ଥା ପରିଚାଳନା ନିର୍ଦ୍ଦେଶିକା ଡ. ରେଚଲ ରାୟ କୁମାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନର୍ସିଂ କଲେଜର ୫ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

- ବାହାର ଖାଦ୍ୟ ଖାଉଥିବାରୁ ଏପରି ହେଲା: ଅଧକ୍ଷା
- ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଛି: ଅଭିଭାବକ

**କୋରାପୁଟ,୧୫।୭(ଅମିତାଭ ବେହେରା)**

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମୁଖରେ ଥିବା କୋରାପୁଟ ନର୍ସିଂ କଲେଜର ୫ଜଣ ଛାତ୍ରୀ ହଷ୍ଟେଲ ଖାଦ୍ୟ ଖାଇ ଶୁକ୍ରବାର ବିଳମ୍ବିତ ରାତିରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଛି। ହଷ୍ଟେଲ ଖାଦ୍ୟ ଖାଇ ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ହଷ୍ଟେଲରେ ଯେ ନିମ୍ନମାନର ଖାଦ୍ୟ ଦିଆଯାଉଛି ଏଥିରୁ ପ୍ରମାଣିତ ହୋଇଛି।

ଶୁକ୍ରବାର ରାତିରେ ଛାତ୍ରୀମାନେ ହଷ୍ଟେଲରେ ଖାଦ୍ୟ ଖାଇସାରିବା ପରେ ପେଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କର ବାନ୍ତିହେବା ସହ ବାରମ୍ବାର ଝାଡ଼ା ହୋଇଥିଲା। ଏହା ଜାଣିବା ପରେ କଲେଜ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରୀମାନଙ୍କୁ ସ୍ଥାନୀୟ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ୨ଜଣ ଛାତ୍ରୀ ସୁସ୍ଥ ହୋଇଛନ୍ତି। ୩ଜଣ ଛାତ୍ରୀ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏ ସମ୍ପର୍କରେ ସମ୍ପୃକ୍ତ ଆକ୍ରାନ୍ତ ଛାତ୍ରୀମାନଙ୍କୁ ପଚାରିବାରୁ ସେମାନେ କହିଲେ, କଲେଜ ହଷ୍ଟେଲରେ ସେମାନେ ଭାତ, ତରକାରି ସହ ଦହି ଓ ଭେଣ୍ଡି ଖାଇଥିଲେ। ଏହା ଖାଇବା ପରେ ସେମାନଙ୍କ ପେଟ କାଟିବା ସହ ବାରମ୍ବାର ବାନ୍ତି ଓ ଝାଡ଼ା ହୋଇଥିଲା। ଏନେଇ ନର୍ସିଂ କଲେଜ ଅଧକ୍ଷା ତିଲୋତ୍ତମା ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଛାତ୍ରୀମାନଙ୍କୁ ବାହାର ଖାଦ୍ୟ ଖାଇବାକୁ ବାରମ୍ବାର ମନା କରାଯିବା ସତ୍ତ୍ୱେ ସେମାନେ ବାହାର ଖାଦ୍ୟ ଖାଉଥିବାରୁ ଏପରି ପେଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ଚିକିତ୍ସା କରାଯାଇଛି। ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ଏ ସମ୍ପର୍କରେ ସେ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ଅଧକ୍ଷା ମହାନ୍ତି କହିଥିଲେ। ଅନ୍ୟପକ୍ଷରେ ହଷ୍ଟେଲରେ ଗୋଟିଏ ଗୋଟିଏ ଦିନର ବଳକା ରହିଯାଉଥିବା ଖାଦ୍ୟକୁ ରାତିରେ ଛାତ୍ରୀମାନଙ୍କୁ ଦେଉଥିବାରୁ ଏପରି ଘଟଣା ହେଲା ବୋଲି ସେମାନଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

# ବିଦ୍ୟାର୍ଥୀଙ୍କ ଉପରେ ବସ୍ତାନି ବୋଝ

- ଅଭିଭାବକଙ୍କୁ ସଚେତନ କଲେ ଶିକ୍ଷକ
- ବଜାରରେ ମିଳୁଥିବା ଫ୍ୟାନ୍‌ସି ଉପକରଣକୁ ଦାୟୀ କଲେ ଶିକ୍ଷକ
- ବିଦ୍ୟାଳୟଗୁଡିକରେ କାର୍ଯ୍ୟକାରୀ ହେଉନି ସରକାରଙ୍କ ନିୟମ
- ଓଜନିଆ ବ୍ୟାଗ ପିଲାଙ୍କ ମେରୁଦଣ୍ଡ ଉପରେ ଚାପ ପକାଏ

**କୋରାପୁଟ,୧୫।୭(ଅମିତାଭ ବେହେରା)**



ପିଲାମାନେ ଆଣିଥିବା ପାଣି ବୋତଲକୁ ଦେଖାଉଛନ୍ତି।

ବିଦ୍ୟାର୍ଥୀଙ୍କ କାନ୍ଧରେ ବସ୍ତାନି ବୋଝକୁ ଲାଘବ କରିବା ପାଇଁ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ଶନିବାର ଏନେଇ ବିଦ୍ୟାଳୟ ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ବିଦ୍ୟାଳୟରେ ପତଳା ସ୍କୁଲ ବ୍ୟାଗ ସମ୍ପର୍କରେ ସର୍ଭେ କରାଯିବ। କେଉଁ ଶ୍ରେଣୀର ଛାତ୍ରୀଛାତ୍ର କେତେ ଓଜନର ବ୍ୟାଗ ନେଇ ସ୍କୁଲ ଆସୁଛନ୍ତି ଯାଞ୍ଚ କରାଯିବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ସରକାର କେଉଁ ଶ୍ରେଣୀର ପିଲାମାନେ କେତେ ଓଜନର ବ୍ୟାଗ ନେଇ ସ୍କୁଲ ଯିବେ ସେ ସମ୍ପର୍କରେ ନିୟମ ରହିଥିବାବେଳେ ଏହା ବିଦ୍ୟାଳୟଗୁଡିକରେ ସଠିକ କାର୍ଯ୍ୟକାରୀ ହେଉନାହିଁ । ନିୟମ ସତ୍ତ୍ୱେ ପିଲାଙ୍କ ବ୍ୟାଗ ବୋଝ କମୁନାହିଁ। ଯାହାଦ୍ୱାରା ପିଲାଙ୍କ ଉପରେ ଅଧିକ ଶାରୀରିକ ବୋଝ ପଡୁଛି। ଏ ଦିଗରେ ଅଭିଭାବକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ସଚେତନ ଶିବିର କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଅରବିନ୍ଦ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଆଲୋଚନା ବେଳେ ଉପସ୍ଥିତ ଅନେକ ଶିକ୍ଷକ ପିଲାଙ୍କ ବ୍ୟାଗର ଓଜନ ବଢିବା ପଛରେ ବଜାରରେ ମିଳୁଥିବା ବିଭିନ୍ନ ଫ୍ୟାନ୍‌ସି ଉପକରଣ ଦାୟୀ ବୋଲି କହିଥିଲେ। ଅଭିଭାବକମାନେ ପିଲାଙ୍କ ବ୍ୟାଗରେ ଖାଦ୍ୟର ପରିମାଣ ତୁଳନାରେ ବଡ ଟିଫିନ ବାକ୍ସ ଦେବା, ଓଜନିଆ ପାଣି ବ୍ୟାଗ ଦେଉଥିବାରୁ ବ୍ୟାଗଟି ଅଧିକ ଓଜନ ହୋଇ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଏହାଦ୍ୱାରା ପିଲାଙ୍କ ମେରୁଦଣ୍ଡ ଉପରେ ଅଧିକ ଚାପ ପଡେ। ସେମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା ଉପୁଜିଥାଏ ବୋଲି ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଆବଶ୍ୟକ ନ ଥିବା ଜିନିଷକୁ ବ୍ୟାଗରେ ନ ରଖିବା, ବେଶୀ ଓଜନର ପାଣି ବୋତଲ ନ ରଖିବା, ମୋଟା ବହିକୁ ସେମିଷ୍ଟର ହିସାବରେ ଭାଗ କରିଦେବା ଲାଗି ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଶିକ୍ଷକ ତରୁଣ ଦାସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୧୫।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାରଗାଁ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଗାଁର ମହେଶ୍ୱର ବିନ୍ଧାଣି (୩୫)। ଏ ନେଇ ଡାବୁଗାଁ ଥାନାରେ ଶନିବାର ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ମହେଶ୍ୱର ଶନିବାର ସକାଳୁ ଶୌଚ ହେବାକୁ କହି ଘରୁ ବାହାରି ଯାଇଥିଲେ। ସକାଳ ପ୍ରାୟ ୯ଟାବେଳେ ଗ୍ରାମବାସୀ ପାଖ ନୀଳଗିରି ବିଗିଚାରେ ତାଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ପରିବାର ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏନେଇ ମୃତକଙ୍କ ବଡ଼ଭାଇ ତୁଳାରାମ ବିନ୍ଧାଣୀ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲା କୁ ଭିତ୍ତି କରି ଥାନା ଏଏସ୍ଆଇ ବିଜୟ କୁମାର ସାହୁ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଗାଁ ଠାକୁରାଣୀଙ୍କ ମୂର୍ତ୍ତି ଭାଙ୍ଗି ଜଣେ ଗିରଫ

ପାପଡ଼ାହାଣ୍ଡି, ୧୫।୭(ସ୍ୱପ୍ନଜିତ ପଟ୍ଟନାୟକ)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦଲି ଗ୍ରାମରେ ଖଡ଼ିଆଦେବୀଙ୍କ ମୂର୍ତ୍ତି ଭାଙ୍ଗି ଜଣେ ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ ଚାନ୍ଦଲୀ ଗ୍ରାମର ଇଷ୍ଟ ଦେବୀ ହେଉଛନ୍ତି ଖଡ଼ିଆ ଦେବୀ। ଖଡିଆ ଦେବୀ ଆଶ୍ରୀର୍ବାଦରେ ଗାଁ ର ଶାନ୍ତି ଶୃଙ୍ଖଳା ସହ ଭଲ ଫସଲ ହୁଏବୋଲି ଲୋକଙ୍କ ବିଶ୍ୱାସ ରହିଛି। କିନ୍ତୁ ଗାଁର ମୋନ ବାଘ ନିଶାସକ୍ତ ଅବସ୍ଥାରେ ଖଡିଆ ଦେବୀଙ୍କ ମୂର୍ତ୍ତି ଭାଙ୍ଗି ଦେଇଥିବାନେଇ ଚାନ୍ଦିଲି ଗ୍ରାମବାସୀ ହିନ୍ଦୁ ମହାସଂଘ ରାଷ୍ଟ୍ରୀୟ ଅଧକ୍ଷ ଜୟନ୍ତ ପାତ୍ରଙ୍କ ନେତୃତ୍ୱରେ ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ଗତ ୧୦ ତାରିଖରେ ମୋନ ଖଡ଼ିଆଦେବୀଙ୍କ ପଥର ପ୍ରତିମୂର୍ତ୍ତିକୁ ଭାଙ୍ଗି ଉପାଡି ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ପୂର୍ବରୁ ମଧ ସେ ଏପରି ଥରେ କରିଥିଲେ। ଗତଥର ଭାଙ୍ଗିବା ପରେ ଗ୍ରାମବାସୀ ବହୁ ମୁସ୍କିଲରେ ଟଙ୍କା ଯୋଗାଡ଼ କରି ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ । ବର୍ତ୍ତମାନ ଦେବୀଙ୍କ ମୂର୍ତ୍ତି ପୁନର୍ବାର ଭାଙ୍ଗି ଦେବାରୁ ଗାଁ ଲୋକଙ୍କ ମନରେ ଅଶାନ୍ତି ଲାଗି ରହିଛି ବୋଲି ଏତଲାରେ କୁହାଯାଇଛି। ଏନେଇ ପାପଡାହାଣ୍ଡି ଥାନା ପୋଲିସ କେସ୍ ନଂ. ୧୨୬/୨୩ ମାମଲା ରୁଜୁ କରି ଅଭିଯୁକ୍ତଙ୍କ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଶିବଜି ପଣ୍ଡା ସୂଚନା ଦେଇଛନ୍ତ ।

### ଖୋଲିଲା ବାଳିକା ସେବାଶ୍ରମ

ତେନ୍ତୁଳିଖୁଣ୍ଟି, ୧୫।୭(ଚିଦାନନ୍ଦ ସାହୁ)- ତେନ୍ତୁଳିଖୁଣ୍ଟିସ୍ଥିତ ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ୨୦୦ଶଯ୍ୟା ବିଶିଷ୍ଟ ବାଳିକା ସେବାଶ୍ରମ ଖୋଲିଛି। ଏହାକୁ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପାଲକା ରବିନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୩୨ବାଳିକାଙ୍କୁ ନେଇ ଆରମ୍ଭ ହୋଇଛି ଏହି ବାଳିକା ସେବାଶ୍ରମ। ପ୍ରଧାନ ଶିକ୍ଷକ ଉମରସିଂ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ପାତ୍ରପୁଟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ହିଆଲ, ଏସ୍ଏମ୍ସି ଅଧକ୍ଷ ତୁଳାରାମ କର୍କରା, ପୂର୍ବତନ ଏସ୍ଏମ୍ସି ସଭାପତି ଗୋପାଳ କୃଷ୍ଣ ନାୟକ ମଞ୍ଚାସୀନ ଥିଲେ। ଶିକ୍ଷକ ପଦୁ ସିଂ ହିଆଲ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ସାବତ ଧନ୍ୟବାଦ ଦେଇଥିଲେ।

# ଯୋଗାଣ ନିରୀକ୍ଷକ, ପିଇଓଙ୍କୁ ଘେରିଲେ ହିତାଧିକାରୀ

**୪ମାସର ଚାଉଳ, ମାଣ୍ଡିଆ ମିଳି ନ ଥିବା ଅଭିଯୋଗ**

କୋଷାଗୁମୁଡ଼ା, ୧୫।୭(ପ୍ରସାଦ ବିଷୋୟୀ)


ଅଭିଯୋଗ ଜଣାଇବାକୁ ଆସିଥିବା ହିତାଧିକାରୀମାନେ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ କେ. ସେମଲାସେମଲା ପଞ୍ଚାୟତରେ ୪ ମାସ ହେବ ଚାଉଳ ବଣ୍ଟନ କରାଯାଇ ନାହିଁ। ଏନେଇ ଶତାଧିକ ହିତାଧିକାରୀ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଯୋଗାଣ ନୀରିକ୍ଷକ ସୀତାକାନ୍ତ ରାଉତ ଓ ପିଇଓ ସୁଦର୍ଶନ ଚକ୍ରବର୍ତ୍ତୀ ପଟ୍ଟନାୟକଙ୍କୁ ଘେରିଥିଲେ। ପିଇଓ ସୁଦର୍ଶନ ଚକ୍ରବର୍ତ୍ତୀ ପଟ୍ଟନାୟକ ଜୁଲାଇ ୩୦ ସୁଦ୍ଧା ସମସ୍ତ ଚାଉଳ ମିଳିବାର ପ୍ରତିଶ୍ରୁତି ଦେବାପରେ ହିତାଧିକାରୀମାନେ ଫେରିଥିଲେ।

ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡ ପିଛା ୫କିଲୋ ହିସାବରେ ୧୫୧୫ ଜଣ ହିତାଧିକାରୀ, ଅନ୍ତୋଦୟ ଅନ୍ନ ଯୋଜନାରେ ୨୩୨, ରାଜ୍ୟ ଖାଦ୍ୟ ସୁରକ୍ଷାରେ ୧୪ଜଣଙ୍କ ପରିବାରଙ୍କ ପାଇଁ ପ୍ରତିମାସରେ ୩୮୫କୁଇଣ୍ଟାଲ ୮୦ କିଲୋ ଚାଉଳ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଉଛି। ଏହାର ଲାଇସେନ୍ସ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ରହିଛି। ମାର୍ଚ୍ଚରୁ ଜୁଲାଇ ମାସ ପର୍ଯ୍ୟନ୍ତ ପୂଜାରୀଗୁଡା ଗ୍ରାମରୁ ୩୫, ଭାଣ୍ଡରି ଗ୍ରାମରୁ ୨୦, ଧାରଣୀ ପୂଜାରିଗୁଡା ଗ୍ରାମରୁ ୨୦ ଓ ଝରଣଗୁଡା ଗ୍ରାମରୁ ୩୦ ହିତାଧିକାରୀ ୪ମାସର ଚାଉଳ ପାଇ ନାହାନ୍ତି। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଫେରିବାକୁ ପଡୁଥିବା ହିତାଧିକାରୀ କହିଛନ୍ତି। ଶନିବାର ସମସ୍ତ ଗ୍ରାମର ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଚାଉଳ ଦେଲେ ଘରକୁ ଯିବୁ କହି ଜିଦ୍‌ରେ ବସିଥିବା ସହ ଯୋଗାଣ ନିରୀକ୍ଷକ ଓ ପିଇଓଙ୍କୁ ଅଟକ ରଖି ଥିଲେ। ୪ମାସର ଚାଉଳ କୁଆଡ଼େ ଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ହିତାଧିକାରୀଙ୍କୁ ମାଣ୍ଡିଆ ମଧ ମିଳି ନ ଥିବା ସେମାନେ କହିଛନ୍ତି। ଜୁନ ମାସରେ ଆସିଥିବା ୩୮୫କୁଇଣ୍ଟାଲ ୮୦ କିଲୋ ଚାଉଳ ଜଣେ ବି ହିତାଧିକାରୀ ପାଇ ନ ଥିବାବେଳେ ଚାଉଳ ପଞ୍ଚାୟତ ଗୋଦାମରେ ନଥିବାରୁ ଏହାକୁ ହଡପ କରାଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏପ୍ରିଲ, ମେ, ଜୁନ ମାସର ଚାଉଳ ପଞ୍ଚାୟତକୁ ଦିଆଯାଇଛି। କ'ଣ ପାଇଁ ଲୋକଙ୍କୁ ମିଳିନି ସେ ନେଇ ତଦନ୍ତ କରାଯିବ ବୋଲି ଯୋଗାଣ ନିରୀକ୍ଷକ ସୀତାକାନ୍ତ ରାଉତ କହିଛନ୍ତି।

# ନକଲି ସୁନା ଶଙ୍ଖ କାରବାର ଅଭିଯୋଗରେ ୨ ଗିରଫ

ଉମରକୋଟ, ୧୫।୭(ସନ୍ତୋଷ ଶତପଥୀ)

- ଅଭିଯୁକ୍ତଙ୍କଠାରୁ ୨ଲକ୍ଷ, ୬୮ହଜାର ନଗଦ ଟଙ୍କା ଜବତ
- ତାମିଲନାଡ଼ୁର ଜଣେ ବ୍ୟକ୍ତିଙ୍କୁ ୮ଲକ୍ଷ ଟଙ୍କାରେ ଶଙ୍ଖ ବିକ୍ରି କରିଥିଲେ ଅଭିଯୁକ୍ତ

ନକଲି ସୁନା ଶଙ୍ଖ କାରବାରରେ ଉମରକୋଟ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉମରକୋଟ ଥାନା ଅଧୀନ କାନାକୋଟ ଗ୍ରାମର ସୁରେନ୍ଦ୍ର ହରିଜନ (୨୭) ଓ ଡାବୁଗାଁ ଥାନା ଅଧୀନ କଇଗାଁ ଗ୍ରାମର ବଳରାମ ପନକା (୨୪)। ଅଭିଯୁକ୍ତମାନେ ତାମିଲନାଡୁ ରାଜ୍ୟ କୁଡାଲୁର ଜିଲାର ସମ୍ପାତୀକୁପାମ ଗ୍ରାମର ଏ.ମାଣିଗନ୍ଦନ (୪୦)ଙ୍କୁ ୮ଲକ୍ଷ ଟଙ୍କାରେ ନକଲି ଶଙ୍ଖ ବିକ୍ରୀ କରିଥିବା ନେଇ ଉମରକୋଟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ନଗଦ ୨ଲକ୍ଷ ୬୮ହଜାର ଟଙ୍କା ଓ ୪ କେଜି ୧୭୦ ଗ୍ରାମର ନକଲି ଶଙ୍ଖ ଜବତ କରିଛି। ଘଟଣାର ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରାଯିବ କରାଯିବ ବୋଲି ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଏ.ମାଣିଗନ୍ଦନ ଏପ୍ରିଲ ୨ ତାରିଖରେ ଶ୍ରମିକ ଖୋଜିବାକୁ ଉମରକୋଟ ଆସିଥିଲେ। ଏହି ସମୟରେ ସୁରେନ୍ଦ୍ର ଓ ବଳରାମଙ୍କ ସହ ତାଙ୍କର ଭେଟ ହୋଇଥିଲେ। ଅଭିଯୁକ୍ତମାନେ ମାଣିଗନ୍ଦନଙ୍କୁ ଏକ ସୁନା ଶଙ୍ଖ ଦେଖାଇବା ସହ ଏହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ଓ ଏହାକୁ ୮ଲକ୍ଷ ଟଙ୍କାରେ ବିକିବେ ବୋଲି ଅଭିଯୁକ୍ତମାନେ କହିଥିଲେ। ମାଣିଗନ୍ଦନ ଏଥିରେ ରାଜି ହୋଇ ବଳରାମଙ୍କ ମୋବାଇଲ ନମ୍ବରରେ ୩୦ ହଜାର ଟଙ୍କା ଗୁଗଲ୍‌ପେ କରିବା ସହ ନଗଦ ୭ଲକ୍ଷ ୭୦ହଜାର ଟଙ୍କା ଦେଇ ଅଭିଯୁକ୍ତମାନଙ୍କଠାରୁ ଶଙ୍ଖ କିଣି ନେଇଥିଲେ। ମାଣିଗନ୍ଦନ ତାମିଲନାଡୁ ଯାଇ ସେଠାରେ ଉକ୍ତ ଶଙ୍ଖକୁ ବଣିଆକୁ ଦେଖାଇବା ପରେ ତାହା ନକଲି ବୋଲି ଜାଣି ପାରିଥିଲେ। ଏହାପରେ ସେ ଅଭିଯୁକ୍ତଙ୍କଠାରୁ ଟଙ୍କା ମାଗିଥିଲେ ମଧ ସେମାନେ ଦେଇ ନଥିଲେ। ପରେ ଗତ ୧୧ ତାରଖରେ ମାଣିଗନ୍ଦନ ଉମରକୋଟ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୭୯/୨୩ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ ପାଇଁ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ସବଇନ୍ସପେକ୍ଟର ସନ୍ତୋଷ କୁମାର ମାଝି ଓ ଅକ୍ଷୟ କୁମାର ମିଶ୍ରଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ସାଇବର ସେଲ୍‌ର ସହାୟତା ନେଇ ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକ କରି ସେମାନଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ କହିଛନ୍ତି।


ପୋଲିସ ସହ ଗିରଫ ଅଭିଯୁକ୍ତମାନେ।

# ବିପର୍ଯ୍ୟୟ ସମୟରେ ଧନଜୀବନ ରକ୍ଷା ନେଇ ପ୍ରଶିକ୍ଷଣ

ଝରିଗାଁ, ୧୫।୭ (କିଶୋର ଚନ୍ଦ୍ର ମଣ୍ଡଳ)


ଏନ୍‌ଡିଆର୍‌ଏଫ୍ ଟିମ୍ ଲୋକଙ୍କୁ ଉଦ୍ଧାର କରିବା କୌଶଳ ଦେଖାଉଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି ସଭାଗୃହରେ ଶନିବାର କଟକ ଜିଲା ମୁଣ୍ଡୁଳିସ୍ଥିତ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ (ଏନ୍‌ଡିଆର୍‌ଏଫ୍) ଏବଂ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସମ୍ବନ୍ଧୀୟ ଆଲୋଚନା ଓ ଏକ ମକ୍‌ଡ୍ରିଲ୍ କରାଯାଇଛି। ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି, ବିପର୍ଯ୍ୟୟ ପ୍ରଶମନ, ବିପର୍ଯ୍ୟୟ ହ୍ରାସ କରିବା ପଦ୍ଧତି, ପ୍ରାକ୍ ସୂଚନା ଯଥା ପ୍ରସାରଣ, ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର, ଏ ଦିଗରେ ଅଧିକାରୀଙ୍କ ଭୂମିକା, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣ ବ୍ୟବହାର, ରିଲିଫ ବଣ୍ଟନ ଏବଂ ସଫଳ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଅଗ୍ନିଶମ, ପ୍ରାଣୀ ଓ ପଶୁ ସମ୍ପଦ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଛି। ଚକ୍ରଡେପୁଟି କମାଣ୍ଡାଣ୍ଟ ଧନଞ୍ଜୟ କୁମାର, ସବ୍‌ଇନ୍ସପେକ୍ଟର ବିନୋଦ ମୀନା, ପୁଷ୍ପେନ୍ଦ୍ର ଦୁବେ, ମହେନ୍ଦ୍ର ଚୌଧୁରୀ ଆଲୋଚନାରେ ଭାଗ ନେଇଥିଲେ। ବନ୍ୟା ପାଣିରୁ କିଭଳି ଭାବେ ଧନଜୀବନ ସୁରକ୍ଷିତ ଉପାୟରେ ବଞ୍ଚାଇବା ହେବ ସେ ନେଇ ଝରିଗାଁ ବଡ଼ବନ୍ଧ ଜଳାଶୟରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଇଛି। ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଜରୁରିକାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଝରିଗାଁ ପଞ୍ଚାୟତ ସମିତି ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ଅତିରିକ୍ତ ତହସିଲଦାର ବି .ସତୀଶ, ଟିପିଏସ୍‌ଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ଶିବେଶ ସାହୁ, ଝରିଗାଁ ବିଡିଓ ସତ୍ୟନାରାୟଣ ମେହେର, ବରିଷ୍ଠ ରାଜସ୍ୱ ସହାୟକ ତ୍ରିପତି ବାଲାଜୀ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ, ରାଇଘର ତହସିଲଦାର, ସିଡିପିଓ ବିରଜା ମୋହିନୀ ପାଙ୍ଗୀ, ବିଭିନ୍ନ ବିଭାଗର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ ଓ ମିଶନ ଶକ୍ତି ମହିଳା, ସରପଞ୍ଚ, କଲେଜ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭବାନୀପାଟଣା, ୧୫।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଜେଲ ଛକ ନିକଟରେ ଶନିବାର ରାତିରେ ଏକ ଘରୋଇ ବସ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିକଟସ୍ଥ ରିଷଗାଁର କାହ୍ନୁ ନାଏକ ବୋଲି ଜଣାପଡିଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଜଗଦଲପୁରରୁ ଗୁପ୍ତା ନାମକ ଏକ ଘରୋଇ ବସ ରାତି ୯ଟାରେ ଭବାନୀପାଟଣାକୁ ଆସୁଥିବାବେଳେ ସହର ଜେଲ ଛକଠାରେ ବାଇକ ଆରୋହୀ କାହ୍ନୁଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ନେଇ ଶପଥ ନେଲେ ଛାତ୍ରୀଛାତ୍ର




ରାଇଘର, ୧୫।୭(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତମାଖୁମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପରୀକ୍ଷିତ ସାହୁ, ଇଂରାଜୀ ଅଧାପକ ଦୀନବନ୍ଧୁ ନନ୍ଦୀ, ବାଣିଜ୍ୟ ଅଧାପକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର ତମାଖୁ ବ୍ୟବହାରର କ୍ଷତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ସମୟରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ। ଏଥିସହିତ ଉଭୟ ଛାତ୍ରୀଛାତ୍ର ଓ କର୍ମଚାରୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ଶପଥ ନେଇଥିଲେ।

# ଅନ୍ୱେଷ ଛାତ୍ରାବାସ, ଛାତ୍ରୀ ନିବାସ ଉଦ୍‌ଘାଟନ କଲେ ମନ୍ତ୍ରୀ

ଉମରକୋଟ/ରାଇଘର, ୧୫।୭ (ସନ୍ତୋଷ ଶତପଥୀ/କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଉମରକୋଟରେ ୩୦୦ଶଯ୍ୟା ବିଶିଷ୍ଟ ଅନ୍ୱେଷ ଛାତ୍ରାବାସ ଓ ୨୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ କୋଠାକୁ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ କଲ୍ୟାଣ ତଥା ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଛନ୍ତି। ସେହିଭଳି ରାଇଘରଠାରେ ମଧ ୧୦୦ ଶଯ୍ୟା ବିଶିଷ୍ଟ ଚାତ୍ରାବାସ ଓ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସକୁମନ୍ତ୍ରୀ ସାରକା ଉଦ୍‌ଘାଯନ କରିଛନ୍ତି। ଆଦିବାସି ଛାତ୍ରୀଛାତ୍ରଙ୍କୁ ବେସରକାରୀ ସ୍କୁଲ ଭଳି ସମସ୍ତ ସୁବିଧା ଯୋଗାଇବା ଓ ଶିକ୍ଷା କ୍ଷେତ୍ରରେ ଆଦିବାସୀ ପିଲାଙ୍କ ଉନ୍ନତି ପାଇଁ ହଷ୍ଟେଲ ନିର୍ମାଣ କରାଯାଇଥିବା ମନ୍ତ୍ରୀ ସାରକା କହିଛନ୍ତି । ଉଭୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଉପେନ୍ଦ୍ରଗଣ୍ଡ, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଉଠା ଜଳସେଚନ ବିଭାଗର ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଉମରକୋଟ ବ୍ଲକ ଅଧକ୍ଷା ସୁଶିଳା ମାଝି, ପୌରାଧକ୍ଷା ରାଧା ଭଦ୍ରା, ଉପାଧକ୍ଷ ଶ୍ୟାମଲ ସରକାର, ଜିଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ ନବରଙ୍ଗପୁର ପିଏ ଆଇଟିଡିଏ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଉମରକୋଟ ବିଡିଓ ଡକ୍ଟର ହିମାଞ୍ଚଳ ମାଝି, ଉମରକୋଟ ବ୍ଲକ ବିଜେଡି ସଭାପତି ଅଜିତ କୁମାର ପ୍ରଧାନ, ଉମରକୋଟ ନଗର ବିଜେଡି ସଭାପତି କୈଳାସ ନାୟକ, ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକ, ଉପାଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ରାଇଘର ବିଡିଓ ଲକ୍ଷ୍ମୀ ସାଗର ମାଝି, ଦାୟିତ୍ୱ ରେ ଥିବା ଡବ୍ଲୁଇଓ ଅଜିତ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।


ଉମରକୋଟରେ ଅତିଥିମାନେ ହଷ୍ଟେଲ ଉଦ୍‌ଘାଟନ କରୁଛନ୍ତି ।

# ଭରୁଆମୁଣ୍ଡା ଜଙ୍ଗଲରେ ଜଙ୍ଗଲି ହାତୀ

ଝରିଗାଁ, ୧୫।୭(କିଶୋର ଚନ୍ଦ୍ର ମଣ୍ଡଳ)

- ଲୋକଙ୍କୁ ଜଙ୍ଗଲକୁ ନ ଯିବାକୁ ସତର୍କ କରୁଛି ବନବିଭାଗ
- କଳାହାଣ୍ଡି ଜଙ୍ଗଲକୁ ଘୋଡ଼େଇବାକୁ ପ୍ରୟାସ କରୁଛି ୱାଇଲ୍ଡଲାଇଫ ଟିମ୍

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭରୁଆମୁଣ୍ଡା ଜଙ୍ଗଲରେ ଏକ ଜଙ୍ଗଲି ହାତୀ ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଝରିଗାଁ ଡେପୁଟି ରେଞ୍ଜର ଗୋବିନ୍ଦ ନାଏକ, ଫରେଷ୍ଟର ଟି.କେ. ପରିଚ୍ଛା ମଇଦଲପୁର ବନବିଭାଗ ଅଧିକାରୀ ମଧୁସୂଦନ ପାତ୍ର, ଡାବୁଗାଁ ରେଞ୍ଜର ସେତୁରଞ୍ଜନୀ ଗମାଙ୍ଗ, ମଇଦଲପୁର ବନବିଭାଗର ସମସ୍ତ କର୍ମଚାରୀ ଏବଂ ୱାଇଲଡ ଲାଇଫ ଉକ୍ତ ହାତୀ ଉପରେ ନଜର ରଖିଛନ୍ତି। ଗାଁ ଭିତରେ ହାତୀ ଯେପରି ପ୍ରବେଶ ନ କରିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଲୋକଙ୍କୁ ମଧ ଜଙ୍ଗଲ ଭିତରକୁ ନ ଯିବା ପାଇଁ ସତର୍କ କରାଯାଇଛି। ଝରିଗାଁ ଅଞ୍ଚଳରେ ଜଙ୍ଗଲି ହାତୀ ରହିଥିବାବେଳେ ସେହି ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ଅଚନ୍ତି। ୱାଇଲ୍ଡଲାଇଫ୍ ଟିମ୍ ହାତୀଟିକୁ କଳାହାଣ୍ଡି ଜଙ୍ଗଲକୁ ଘଉଡ଼ାଇବାକୁ ପ୍ରୟାସ କରୁଛି।

# ମହାବିଦ୍ୟାଳୟର ଭିତ୍ତିଭୂମି ଶିକ୍ଷାରେ ବାଧକ ହେବନାହିଁ

ନବରଙ୍ଗପୁର, ୧୫।୭(ସଦାଶିବ ପ୍ରହରାଜ)

**ନବରଙ୍ଗପୁର ମହାବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ**

ନବରଙ୍ଗପୁର ମହାବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ଶନିବାର ପାଳନ କରାଯାଇଛି। ଏହି ଅବସରରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ କମଳ ଲୋଚନ ମିଶ୍ର ଏବଂ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଅତିଥିଭାବେ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମିତ ବିନୋଦଖା ପ୍ରେକ୍ଷାଳୟକୁ ବିଧାୟକ ସଦାଶିବ ପ୍ରଧାନୀ ଉଦ୍‌ଘାଟନ କରିଥିବାବେଳେ ଜିଲାପାଳ ଓ ଅତିରିକ୍ତ ଜିଲାପାଳ ନୂତନ ସ୍ମାର୍ଟ ଶ୍ରେଣୀଗୃହ ଶୁଭ ଉଦ୍‌ଘାଟନ କରିଥିଲେ।

ଏ ନିମନ୍ତେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଭାସ୍କର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାର ବିକାଶ ନେଇ ବିଧାୟକ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ମହାବିଦ୍ୟାଳୟର ଭିତ୍ତିଭୂମି ଶିକ୍ଷାରେ ବାଧକ ହେବ ନାହିଁ ବୋଲି ଜିଲାପାଳ କହିଥିଲେ। ଭିତ୍ତିଭୂମି ବିକାଶ ପାଇଁ ଯାହା ସବୁ ଆବଶ୍ୟକ ତାହାକୁ ଯୋଗାଇ ଦେବା ଦିଗରେ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ନବରଙ୍ଗପୁର ପରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ମାନ କିପରି ରାଜ୍ୟରେ ଅଭିବୃଦ୍ଧି ହୋଇ ପାରିବ ସେ ନେଇ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତିତଥା ଅତିରିକ୍ତ ଜିଲାପାଳ ମାର୍ଗଦର୍ଶନ କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଏକ ଆଲୋଚନା ଚକ୍ର କରାଯାଇଛି। ଏଥିରେ ଇତିହାସ ବିଭାଗର ଅଧାପକ ଉଜ୍ଜ୍ୱଳ କୁମାର ମହାନନ୍ଦିଆ ନବରଙ୍ଗପୁରର ପୁରାତନ ଐତିହ୍ୟ ପୋଡ଼ାଗଡ଼ ପ୍ରସ୍ତର ସମ୍ପର୍କରେ ଏକ ଗବେଷଣାତ୍ମକ ଆଲୋଚନା ବୃତ୍ତଚିତ୍ର ମାଧ୍ୟମରେ କରିଥିଲେ। ଜିଲାପାଳ ଏଥିରେ ଭାଗ ନେଇ ଖୁସି ବ୍ୟକ୍ତ କରିବା ସହିତ ନବରଙ୍ଗପୁରର ପ୍ରାଚୀନ ଐତିହ୍ୟ, ଆଦିବାସୀ ଜୀବନ ଧାରାରେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତିକ ବିକାଶ ବିଷୟରେ ଅଧିକ ଗବେଷଣା କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଅଧାପକ ଶମ୍ଭୁପ୍ରସାଦ ହୋତା ପରିଚାଳନା କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧାପକ ଦିଲ୍ଲୀପ କୁମାର ହୋତା ଧନ୍ୟବାଦ ଜଣାଇଥିଲେ। କଲେଜ ସବୁଜ ବାହିନୀ,ଏନ୍‌ସିସି, ଯୁବ ରେଡ୍‌କ୍ରସ, ଜାତୀୟ ସେବା ଯୋଜନା ମିଳିତ ତତ୍ତ୍ୱାବଧାନରେ ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ୨୦୦ ଔଷଧୀୟ ଚାରା ଓ ରାସ୍ତା ଦୁଇ ପାର୍ଶ୍ୱରେ ଦେବଦାରୁ ଚାରାରୋପଣ କରାଯାଇଥିଲା।


ପ୍ରେକ୍ଷାଳୟ ଉଦ୍‌ଘାଟନ ଅବସରରେ ବିଧାୟକ, ଜିଲାପାଳ ଓ ଅନ୍ୟ ଅତିଥିମାନେ।

# ବିଜେଡି ଶାସନରେ ଜିଲାରେ ଗୋଟିଏ ବି ଜଳଭଣ୍ଡାର ହୋଇପାରିଲା ନାହିଁ: କଂଗ୍ରେସ

ନବରଙ୍ଗପୁର, ୧୫।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଆଦିବାସୀ କୃଷି ପ୍ରଧାନ ଜିଲା। ଏଠାରେ କିନ୍ତୁ ଜଳସେଚନ ବ୍ୟବସ୍ଥା ନାହିଁ। ଲୋକେ ଅମଳ ପାଇଁ ବର୍ଷା ଉପରେ ନିର୍ଭରଶୀଳ। ଜଳସେଚନ ପାଇଁ ନବରଙ୍ଗପୁର ଜିଲାରେ ହାତଗଣତି ଆଡ଼ିବନ୍ଧ ରହିଛି। ଚନ୍ଦାହାଣ୍ଡିର ଫୁଲଝରୀ, ଉମରକୋଟର ଭାସ୍କେଲ ଏବଂ ନବରଙ୍ଗପୁରର କୁସୁମଝରେ ଜଳଭଣ୍ଡାର ରହିଛି। ଯାହାକି କଂଗ୍ରେସ ଅମଳରେ ହୋଇଥିଲା। ବିଜେଡି ଶାସନ କାଳ ମଧରେ ଜିଲାରେ ଗୋଟିଏ ମଧ ଜଳଭଣ୍ଡାର ହିଇପାରିଲା ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀ କରି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଶନିବାର କହିଛନ୍ତି। ରାଜ୍ୟ ସରକାରୀ ଜଳସେଚନ ପ୍ରତି ଗୁରୁତ୍ୱ ନ ଦେବା ତାଙ୍କ ଚାଷୀମାରଣ ନୀତିକୁ ଦର୍ଶାଉଛି ବୋଲି ସେ କହିଛନ୍ତି।

ନବରଙ୍ଗପୁର ଜିଲାରେ ଧାନ, ମକା, ଆଖୁ ଓ ପରିବା ଚାଷ ଉପରେ ୮୫% ଲୋକେ ଉପରେ ନିର୍ଭର କରନ୍ତି। ଚାଷ କାର୍ଯ୍ୟ ଭଲ ନ ହେଲେ ଲୋକେ ଦାଦନ ଖଟିବାକୁ ଯାଇଥାନ୍ତି। ବାହରକୁ ଯାଇ ଦାଦନ ଖଟିବାରେ ନବରଙ୍ଗପୁର ରାଜ୍ୟରେ ଦ୍ୱିତୀୟ। ନବରଙ୍ଗପୁର ଜିଲାର ୩ଲକ୍ଷ ୨୮ହଜାର ୭୮୩ ଜଣ କୃଷି ଶ୍ରମିକ, ୧ଲକ୍ଷ ୭୩ହଜାର ୦୮୬ଜଣ ପଶୁପକ୍ଷୀ ପାଳନ, କୁଶଳୀ ଓ ଅଣକୁଶଳୀ ଶ୍ରମିକ ଶ୍ରମ ବା ଦିନ ମଜୁରିଆ ରହିଛନ୍ତି । ପ୍ରତିବର୍ଷ ଜୁନ ମାସ ସୁଦ୍ଧା ସମଗ୍ର ଜିଲାରେ ସର୍ବନିମ୍ନ ୮୭.୦୧ ମିଲିମିଟର ବର୍ଷା ହେଲାବେଳେ ସର୍ବାଧିକ ୧୯୬.୦୯ ମିଲିମିଟର ବର୍ଷା ହୋଇଥାଏ। କିନ୍ତୁ ଏ ବର୍ଷ ଜୁଲାଇ ୧୪ ତାରିଖ ସୁଦ୍ଧା ସର୍ବାଧକ ୨୧.୦୨ ମି.ମି ବର୍ଷା ହୋଇଛି। ଯାହାକି ଧାନ ରୁଆ ମାଣ୍ଡିଆ ରୁଆ କାର୍ଯ୍ୟରେ ବାଧକ ସାଜିଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ନବରଙ୍ଗପୁର ବର୍ଷା ଅଭାବରୁ ବିହନ ଗଜା ନ ହୋଇ ନଷ୍ଟ ହୋଇଗଲାଣି। ଏଥିସହ ବର୍ଷା ଦିନିଆ ପରିବା ଚାଷ କରୁଥିବା ୯୪୫୦ ପରିବାର କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ରୁଆ ପାଇଁ ଉଦ୍ଦିଷ୍ଟ ଧାନ ତଳି ଘେରା ହଳଦିଆ ହୋଇଗଲାଣି। ଚାଷୀଙ୍କ ପରିବାର ଉପରେ ଅଭାବି ବର୍ଷା ପ୍ରତ୍ୟେକ୍ଷ ପ୍ରଭାବ ପକାଉଥିବାବେଳେ ବ୍ୟବସାୟୀଙ୍କ ଉପରେ ପରୋକ୍ଷ ପ୍ରଭାବ ପଡୁଛି। ଜିଲା ପ୍ରଶାସନ ଓ କୃଷିବିଭାଗ ଏକ ସର୍ଭେ କରି ଗ୍ରାମସେବକ ଓ ରାଜସ୍ୱ ଅଧିକାରୀମାନେ ଏକ ଜରୁରୀ ବୈଠକ କରନ୍ତୁ। ସ୍ୱଳ୍ପ ବୃଷ୍ଟିପାତରେ ଚାଷୀ କିଭଳି ତାହାର ଚାଷ ବଞ୍ଚାଇବ ତାହାର ପନ୍ଥା ବାହାର କରିବାକୁ ନବରଙ୍ଗପୁର କଂଗ୍ରେସ ଦାବି କରୁଛି। ରାଜ୍ୟ ସରକାର ନବରଙ୍ଗପୁର ଏକ ପଛୁଆ ଓ ଆଦିବାସୀ ଅଞ୍ଚଳକୁ ପ୍ରାକ ମରୁଡି ଘୋଷଣା କରିବାସହ ଜିଲା ପ୍ରଶାସନକୁ ସପ୍ତାହ ମଧରେ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେବାକୁ କଂଗ୍ରେସ ଦାବି କରିଛି। ଏପରି ନ ହେଲେ ପରିସ୍ଥିତି ନ ହେବ ତେବେ ପରିସ୍ଥିତି ଭୟାବହ ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ପିସିସି ସଭ୍ୟ ଦିଲୀପ ବେହେରା, ବୃନ୍ଦାବନ ତ୍ରିପାଠୀ, ପ୍ରଦୀପ ସାହୁ, ଅବଦୁଲ ଫିରୋଜ, ପି. ନଗରତ୍ନମା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ।

